## ସଂକ୍ଷେପରେ

### ୯ ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ହେଲାନି

**ଢେଙ୍କାନାଳ ଅଫିସ, ୧୧।୩:** କୋରମ୍ ଅଭାବରୁ ଢେଙ୍କାନାଳ ଜିଲାର ୯ ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହୋଇପାରି ନାହିଁ। ଜିଲାର ମୋଟ ୨୧୨ ପଞ୍ଚାୟତ ମଧ୍ୟରୁ ୨୦୩ଟିରେ ଏହି ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିବା ଜିଲା ପଞ୍ଚାୟତ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ନାଏବ ସରପଞ୍ଚ ନିର୍ବାଚନ ହୋଇ ନ ଥିବା ପଞ୍ଚାୟତ ମଧ୍ୟରେ ରହିଛି ସଦର ବ୍ଲକର ସାଙ୍ଗୁଲେଇ, ଗଁଦିଆ ବ୍ଲକର କାଶୀପୁର, ଲାଉଲଇ, ଦଶମାଣପାଟଣା, କାମାକ୍ଷାନଗର ବ୍ଲକର ବାଙ୍ଗୁଆଲ, ପରଜଙ୍ଗ ବ୍ଲକର ଆଖୁଆପାଳ, କଙ୍କଡାସୋଡ଼ା, ସରାଙ୍ଗ ଏବଂ ଲୋଧଣୀ। ଏ ସଂକ୍ରାନ୍ତରେ ଜିଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା କୁହନ୍ତି, ୯ ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ହୋଇପାରିନାହିଁ। ଏ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଅବଗତ କରାଯାଇଛି। ସେଠାରୁ ନିର୍ଦ୍ଦେଶନାମା ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ଦୁର୍ଘଟଣା: ଶିକ୍ଷୟିତ୍ରୀଙ୍କ ସମେତ ୨ ମୃତ

**ଢେଙ୍କାନାଳ ଅଫିସ୍/ଭାପୁର(ଡି.ଏନ୍.ଏ.) ୧୧।୩:** ଢେଙ୍କାନାଳ ସହର ମହିଷାପାଟସ୍ଥିତ ସପ୍ତଶଯ୍ୟା ରାସ୍ତାର ଡ୍ରାଇଭିଂ ଟେଷ୍ଟିଂ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ସକାଳ ୭ଟାରେ ସଡ଼କ ଦୁର୍ଘଟଣାରେ ଶିକ୍ଷୟିତ୍ରୀ ସୁମିତ୍ରା ଜେନା (୩୩)ଙ୍କ ମୃତ୍ୟୁ ଘଟିଛି। ସଦର ଥାନା ପାମାଳ ଗ୍ରାମର ଅଜିତ ଜେନାଙ୍କ ସ୍ତ୍ରୀ ସୁମିତ୍ରା ସ୍କୁଟିରେ ବନମାଳୀପ୍ରସାଦସ୍ଥିତ ସତ୍ୟମ୍ ସ୍କୁଲକୁ ଆସୁଥିବା ବେଳେ ଏକ ପରିବା ବୋଝେଇ ମୋପେଡ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୋପେଡ୍ ଚାଳକ ଫେରାର ହୋଇଯାଇଛନ୍ତି। ଏ ନେଇ ନଂ.୧୨୯/୨୨ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ସଦର ଥାନା ଭାପୁର ବଜାର ନିକଟରେ ଶୁକ୍ରବାର ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଅଚଳକୋଟ ଅଞ୍ଚଳରେ ବୋଲି ଅନୁମାନ କରାଯାଉଛି। ତାଙ୍କ ପରିଚୟ ମିଳିପାରିନାହିଁ। ସେ ସ୍କୁଟି (ନଂ. ଓଡି ୦୬କେ ୭୮୮୯)ରେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଅଲନ୍ଦା, କାଦବାହାଲ, ଢେଙ୍କାନାଳ ବିଜୟୀ

**ଢେଙ୍କାନାଳ ଅଫିସ, ୧୧।୩:** ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ଦ୍ୱିତୀୟ ଓଡ଼ିଶା ନାଭାଲ ଟାଟା ହକି ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଅଲନ୍ଦା, କାଦବାହାଲ, ଢେଙ୍କାନାଳ ଟିମ୍ ବିଜୟୀ ହୋଇଛନ୍ତି। ବାଳିକା ବିଭାଗରେ ଅଲନ୍ଦାଠାରୁ ୧୯-୦ ଗୋଲ୍‌ରେ ରଣପୁର, କାଦବାହାଲଠାରୁ ୮-୦ ଗୋଲ୍‌ରେ ଛତ୍ରପୁର ଏବଂ ଢେଙ୍କାନାଳଠାରୁ ୧-୦ ଗୋଲ୍‌ରେ ଧନ୍ତ୍ରୀ ପରାସ୍ତ ହୋଇଛନ୍ତି। ସେହିପରି ଅପରାହ୍ନରେ ଅନୁଷ୍ଠିତ ବାଳକ ବିଭାଗ ମ୍ୟାଚରେ ଅଲନ୍ଦାଠାରୁ ରଣପୁର ୨୬-୦, କାଦବାହାଲଠାରୁ ଛତ୍ରପୁର ୧୧-୦ ଏବଂ ଢେଙ୍କାନାଳଠାରୁ ଧନ୍ତ୍ରୀ ୩-୨ ଗୋଲ୍‌ରେ ପରାସ୍ତ ହୋଇଥିବା ଆୟୋଜକଙ୍କ ତରଫରୁ ଜଣାପଡ଼ିଛି।

### ଠକେଇ ଘଟଣାର ଖୋଳତାଡ଼ ଆରମ୍ଭ

**ଢେଙ୍କାନାଳ ଅଫିସ, ୧୧।୩:** ଶେୟାର ମାର୍କେଟରେ ଅର୍ଥ ବିନିଯୋଗ କରି ଅଧିକ ସୁଧ ଦେବାକୁ ପ୍ରଲୋଭିତ କରି ଠକେଇ କରାଯାଇଛି। ଏଭଳି ଠକେଇର ଶିକାର ହୋଇଛନ୍ତି ଢେଙ୍କାନାଳ ଏବଂ ଯାଜପୁର ଜିଲାର ୭ ଯୁବକ। ସେମାନଙ୍କଠାରୁ ଅଭିଯୁକ୍ତ କୌଶଳକ୍ରମେ ୩ କୋଟି ଟଙ୍କା ଠକି ନେଇଯାଇଥିବା ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଅଭିଯୁକ୍ତଙ୍କ ଘର ବଣିସିଂହ ଗ୍ରାମରେ। ସେ ଭୁବନେଶ୍ୱରରେ ଏକ ଅଫିସ କରିଥିଲେ। ସମ୍ପୃକ୍ତ ୭ ଯୁବକଙ୍କ ସହିତ ଘନିଷ୍ଠତା ସ୍ଥାପନ କରି ଅଧିକ ସୁଧ ପ୍ରଲୋଭନ ଦେଖାଇ ୨୦୧୮ରୁ ବିଭିନ୍ନ ଉପାୟରେ ପ୍ରାୟ ୩ କୋଟି ଟଙ୍କା ଦେଇଯାଇଥିଲେ। ବଣ୍ଡ୍ ପେପର ଜରିଆରେ କିଛି ମାସ ନିୟମିତ ସୁଧ ଦେଇ ବିଶ୍ୱାସଭାଜନ ହୋଇଥିଲେ। ତେବେ ଅଭିଯୁକ୍ତଜଣକ ୨୦୨୧ଠାରୁ ଜମାକାରୀଙ୍କୁ ସୁଧ ବାବଦ ଟଙ୍କା ପ୍ରଦାନ କରି ନ ଥିଲେ କି ଧରାଛୁଆଁ ଦେଇ ନ ଥିଲେ। ଦୁଇଦିନ ତଳେ ଅଭିଯୁକ୍ତଙ୍କୁ ସମ୍ପୃକ୍ତ ଯୁବକମାନେ ଖମାର ସାହି ରାସ୍ତାରେ ଧରି ପଚରାଉଚରା କରିଥିଲେ। ଏହାକୁ ନେଇ ବିବାଦ ତେଜିଥିଲା। ଠକେଇର ଶିକାର ହୋଇଥିବା ଯୁବକମାନେ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଜିମା ଦେଇଥିଲେ।

# ବିଜୟ ପଥରେ ବିଦ୍ରୋହୀ କଣ୍ଟା

**ଢେଙ୍କାନାଳ ଅଫିସ, ୧୧।୩**



- ନଗରପାଳ ଦୌଡ଼ରେ ୭ ପ୍ରାର୍ଥୀ
- ବଢୁଛି ଭୋଟ ବିଭାଜନ ଆଶଙ୍କା
- ଚୂଡ଼ାନ୍ତ ତାଲିକା ପୂର୍ବରୁ ଜମିଲାଣି ପ୍ରଚାର

| ଢେଙ୍କାନାଳ ପୌରାଞ୍ଚଳ | |
|---|---|
| ମୋଟ ୱାର୍ଡ | ୨୩ |
| ମୋଟ ବୁଥ୍ | ୫୩ |
| ମୋଟ ଭୋଟର | ୫୧,୧୬୧ |
| ମହିଳା | ୨୫,୨୮୨ |
| ପୁରୁଷ | ୨୫,୮୭୬ |
| ଅନ୍ୟାନ୍ୟ | ୩ |

ଶେଷ ପର୍ଯ୍ୟନ୍ତ ଟିକଟ ପାଇଁ ଆଶା ବାନ୍ଧି କରିଥିଲେ ଅପେକ୍ଷା। ତେବେ ଦଳୀୟ ନିଷ୍ପତ୍ତି ଆଗରେ ନିରାଶ ହେବାକୁ ପଡ଼ିଲା। ଏବେ ସବୁ ଦଳରେ ଏଭଳି ମାଳମାଳ ଅସନ୍ତୁଷ୍ଟ। ଦଳରେ ହତାଦର ହେବା ପରେ ସେମାନଙ୍କ ମନରେ ପୁଞ୍ଜୀଭୂତ ଅସନ୍ତୋଷ କୁହୁଳିବାରେ ଲାଗିଛି। ସମ୍ମାନ ଦୃଷ୍ଟିରୁ କେହି ଖୋଲାଖୋଲି ବିରୋଧ କରୁ ନ ଥିଲେ ମଧ୍ୟ ନିର୍ବାଚନରେ ସହଯୋଗ ନ କଲେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପଥ ସୁଗମ ହେବ ନାହିଁ। ତେଣୁ ନଗରପାଳ ପଦବୀ ହାତେଇବାକୁ କେଉଁଠି ଅସନ୍ତୁଷ୍ଟଙ୍କୁ ମନାଇବାକୁ ଉଦ୍ୟମ ଆରମ୍ଭ ହୋଇଛି ତ ଅନ୍ୟ କେଉଁଠି ବିଦ୍ରୋହ ପ୍ରଶମିତ କରିବାକୁ ଚାଲିଛି ବୈଠକ। ରାଜନୀତିର ଏଭଳି ହଟଚମଟ ଢେଙ୍କାନାଳ ପୌରାଞ୍ଚଳ ବାତାବରଣକୁ ସରଗରମ କରିଛି।

ଢେଙ୍କାନାଳ ନଗରପାଳ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ୭ଜଣ ପ୍ରାର୍ଥୀ ଦୌଡ଼ରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବିଜେଡିର ଅନିମା ନାୟକ, ଭାଜପାର ଜୟନ୍ତୀ ପାତ୍ର, କଂଗ୍ରେସର ସ୍ମିତାରାଣୀ ସାମଲ, ଏଏପିର ସୋନାଲି ରାଉତ, ଓଜେପିର ରାଜଲକ୍ଷ୍ମୀ ବେହେରା, ସ୍ୱାଧୀନ ପ୍ରାର୍ଥୀ ଗୁଡ଼ିଆ ଶର୍ମା ଏବଂ ମାଳତି ପାଣି। ଯଦିଓ ନାମାଙ୍କନ ପ୍ରତ୍ୟାହାର ପରେ ଆସନ୍ତା ୧୪ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ, ତଥାପି ଏବେଠାରୁ ନିଜ ନିଜ ୱାର୍ଡରେ ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କଲେଣି। ନଗରପାଳ ପଦବୀ ଦୌଡ଼ରେ ୭ ଆଶାୟୀ ଥିବାରୁ ଭୋଟ ବିଭାଜନ ଆଶଙ୍କା ବଢ଼ିଛି। ରାଜନୀତିର ଏଭଳି ଗୋଳିଆପାଣିରୁ ଫାଇଦା ଉଠାଇ ନଗରପାଳ ପଦବୀ କବ୍‌ଜା କରିବାକୁ ନବାଗତ ଆଶା ବାନ୍ଧି ବସିଥିବା ବେଳେ ନୂଆ ସମୀକରଣ ସୃଷ୍ଟି ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରୁନି।

ଅଭିଜ୍ଞତାକୁ ଦେଖିଲେ ବିଜେଡି ପ୍ରାର୍ଥିନୀ ଅନିମା ରାଜନୀତିରେ ପୁରୁଣା। ସେ ପୂର୍ବରୁ ଭାଜପା ପକ୍ଷରୁ ଜିଲା ପରିଷଦ ଉପାଧ୍ୟକ୍ଷ ପଦବୀରେ ବସିଥିବାବେଳେ ୧୨ନଂ. ୱାର୍ଡରୁ କାଉନ୍‌ସିଲର ପଦବୀରେ ମଧ୍ୟ ଜିତି ସାରିଛନ୍ତି। ଦଳବଦଳ କରି ବିଜେଡିରେ ଯୋଗଦେବାପରେ ପୁରୁଣା ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ସେ ନିଜର ଶକ୍ତିବୃଦ୍ଧି କରିଛନ୍ତି। ସେହିପରି ବରିଷ୍ଠ ନେତ୍ରୀ ଜୟନ୍ତୀ ମଧ୍ୟ ୧୯ନଂ. ୱାର୍ଡରୁ ଭାଜପା କାଉନ୍‌ସିଲର ଥିଲେ। ୨୦୧୧ରେ ଅନାସ୍ଥା ଭୋଟରେ ନଗରପାଳ କୁନ୍ତଳା କୁମାର ଦଳେଇଙ୍କ ପଦ ଯିବା ପରେ ପୁନର୍ବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲେ। ଏଥିରେ ୨୧ନଂ. ୱାର୍ଡର ମୋନିକା ଶର୍ମାଙ୍କଠାରୁ ଜୟନ୍ତୀ ପରାସ୍ତ ହୋଇଥିଲେ। ଅନିମା, ଜୟନ୍ତୀଙ୍କୁ ବାଦ୍‌ଦେଲେ କଂଗ୍ରେସ, ଏଏପି, ଓଜେପି ସମେତ ଅନ୍ୟ ୨ ସ୍ୱାଧୀନ ପ୍ରାର୍ଥୀ ରାଜନୀତିରେ ନବାଗତ।

୧୯୫୨ରେ ଦୈତାରୀ ତ୍ରିପାଠୀ ପୌର ପରିଷଦର ପ୍ରଥମ ନଗରପାଳ ଭାବେ ନିର୍ବାଚିତ ହୋଇଥିଲେ। ଅଦ୍ୟାବଧି ୨୮ ନଗରପାଳ ଦାୟିତ୍ୱ ନେଇସାରିଲେଣି। ୧୯୯୫, ୧୯୯୬, ୨୦୦୨, ୨୦୧୬, ୨୦୧୮, ୨୦୧୯ ଓ ୨୦୨୧ରେ ପୌର ପରିଷଦ ଭାଙ୍ଗିଯିବା ପରେ ଜିଲାପାଳମାନେ ପୌର ପ୍ରଶାସକ ପଦବୀରେ ରହିଥିଲେ। ୨୦୦୮ରେ କଂଗ୍ରେସର କୁନ୍ତଳା କୁମାରୀ ଦଳେଇ ଏବଂ ୨୦୧୧ରେ ଭାଜପାର ମୋନିକା ଶର୍ମା ନଗରପାଳ ଭାବେ ବିଜୟୀ ହୋଇଥିଲେ। ଚଳିତ ଥର ପୁନର୍ବାର ନଗରପାଳ ପଦବୀ ମହିଳାଙ୍କ ଲାଗି ସଂରକ୍ଷିତ ରହିଥିବାରୁ ବିଜେଡି, ଭାଜପା ଏବଂ କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ସେହିପରି ଏଏପି, ଓଜେପି ନୂଆ କରି ପ୍ରାର୍ଥୀ ଦେଇଥିବାରୁ ଦଳୀୟ କର୍ମକର୍ତ୍ତାମାନେ ଉତ୍ସାହିତ ଅଛନ୍ତି। ପ୍ରାର୍ଥୀମାନେ ଘର ଘର ବୁଲି ମହିଳା ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ ଚଳାଇଛନ୍ତି।

### ଆଜି ୮ ବ୍ଲକରେ ଅଧ୍ୟକ୍ଷ ନିର୍ବାଚନ

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ ଜିଲାର ସମସ୍ତ ୮ ବ୍ଲକରେ ଶନିବାର ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚିତ ସମିତିସଭ୍ୟମାନେ ଏଥିରେ ସାମିଲ ହେବେ। ଏଥିଲାଗି ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ନିର୍ବାଚନ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ଅଧ୍ୟକ୍ଷ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ପରେ ଯାଞ୍ଚ ହେବ। ପ୍ରତ୍ୟାହାର ସମୟ ମଧ୍ୟ ରହିବ। ଏହାପରେ ଭୋଟିଂ କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ସୂଚନା ଦେଇଛନ୍ତି।

### ଉତ୍ତରପ୍ରଦେଶ ଫଳାଫଳରେ ଜିଲା ଭାଜପା ଉତ୍ସାହିତ

**ଢେଙ୍କାନାଳ ଅଫିସ, ୧୧।୩**

ସଦ୍ୟ ଶେଷ ହୋଇଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନ ମଧ୍ୟରୁ ୪ଟିରେ ଭାଜପା ବିଜୟୀ ହୋଇଛି। ଏହାକୁ ନେଇ ଢେଙ୍କାନାଳ ଜିଲା ଭାଜପାର କର୍ମକର୍ତ୍ତାଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖିବାକୁ ମିଳିଛି। ଉତ୍ତରପ୍ରଦେଶ ନିର୍ବାଚନର ଫଳାଫଳ ପୌର ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ୟୁପି ନିର୍ବାଚନରେ ସମ୍ପୃକ୍ତ ରାଜ୍ୟର ପ୍ରଭାରୀ ଦାୟିତ୍ୱ ତୁଲାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭାଜପା ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ସୁନୀଲ ଶର୍ମା, ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା ପ୍ରମୁଖ ଧର୍ମେନ୍ଦ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଉଦ୍ୟୋଗୀ ସୃଷ୍ଟି ସଚେତନତା



**ମାଧପୁର, ୧୧।୩**

ଆଠମଲ୍ଲିକ କଲେଜରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଉଦ୍ୟୋଗୀ ସୃଷ୍ଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଞ୍ଜୀବ ନାଏକ, ଅନ୍ୟତମ ଅତିଥି କଲେଜ ଅଧ୍ୟକ୍ଷ ଆଦିତ୍ୟ ସାହୁ ଯୋଗ ଦେଇଥିଲେ। ଏମ୍‌ଏସ୍‌ଏମ୍‌ଇ ବିଭାଗର ସହକାରୀ ପରିଚାଳକ ଶୁଭାଶିଷ କାନୁନ୍‌ଗୋ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥାନୀୟ ଉଦ୍ୟୋଗୀ ଚିତ୍ତରଞ୍ଜନ ମେହେର ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭର ହେବାକୁ ଉତ୍ସାହିତ କରାଇଥିଲେ। ଏମ୍‌ଏସ୍‌ଏମ୍‌ଇ ସହକାରୀ ଡାଇରେକ୍ଟର ଭବାନୀ ପ୍ରସାଦ ବେହେରା ସଭା ପରିଚାଳନା କରିଥିବାବେଳେ ଉଦ୍ୟୋଗୀ ନାରାୟଣ ବଥୱାଲ ଧନ୍ୟବାଦ ଦେଇଥିଲେ।

## 'ହୃଦୟରେ ସୃଷ୍ଟି ହେଉ ଭାଷାପ୍ରୀତି'

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ କଲେଜ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ସ୍ତମ୍ଭକାର ତଥା ଭାଷାବିତ୍ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଭାଷାପ୍ରୀତି କେବଳ ମସ୍ତିଷ୍କରେ ନୁହେଁ, ସମସ୍ତଙ୍କ ହୃଦୟରେ ସ୍ଥାପନ ହେବା ଜରୁରୀ। ମାତୃଭାଷା ଓଡ଼ିଆ ପ୍ରତିଟି ଓଡ଼ିଆଙ୍କ ସମ୍ପଦ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ନାରାୟଣ ସାହୁ ଏକାଙ୍କିକା ଓ କ୍ଷୁଦ୍ର ନାଟକ ବିଷୟରେ ଆଲୋଚନା କରିଥିଲେ।





ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ଓଡ଼ିଆ ଭାଷାର ଉନ୍ନତି ସାଧନ ପାଇଁ ପ୍ରତି ଓଡ଼ିଆ ସଂକଳ୍ପବଦ୍ଧ ହେବା ଜରୁରୀ ବୋଲି କହିଥିଲେ। ବିଭାଗର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ପରିଧାନ କରିଥିବା ଓଡ଼ିଆ ବେଶପୋଷାକ ଆକର୍ଷଣ ସାଜିଥିଲା। ବିଭାଗୀୟ ମୁଖ୍ୟ ଶୁଭ୍ରକାନ୍ତ ପାଣି, ପାଠଚକ୍ର ସମ୍ପାଦିକା ଲକ୍ଷ୍ମୀପ୍ରିୟା ସାହୁ, ଅଧ୍ୟାପିକା ଡ. ମଞ୍ଜୁଲିକା ନାୟକ, ଡ. ସରିତା ପ୍ରଧାନ, ଡ. ରୀନାରାଣୀ ଜେନା, ଅଧ୍ୟାପକ କାଳିନ୍ଦୀ ଚରଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୫ ଫୁଟର ନାଗ ଉଦ୍ଧାର





**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ ସହର ଖେମକା ମେସ୍‌ରୁ ଶୁକ୍ରବାର ଏକ ନାଗସାପ ଉଦ୍ଧାର କରାଯାଇଛି। ଏହାର ଲମ୍ବ ପ୍ରାୟ ୫ ଫୁଟ ହେବ। ମେସ୍‌ରେ ସାପ ପଶିଯାଇଥିବା ସୂଚନା ପାଇବା ପରେ ବନ୍ୟକ୍ ଗ୍ରୁପ୍‌ର ସଦସ୍ୟ ପପୁନ ଦାସ, ଶେଖ୍ ଲାଲୁ ପ୍ରମୁଖ ପହଞ୍ଚିଥିଲେ। କୌଶଳକ୍ରମେ ନାଗକୁ ଉଦ୍ଧାର କରି ବୋରାପଦା ନିକଟ ଜଙ୍ଗଲରେ ଛାଡି ଦିଆଯାଇଥିବା ପପୁନ ସୂଚନା ଦେଇଛନ୍ତି। ଖରାଦିନେ ଶୋଷିଲା ସାପମାନେ ଜଙ୍ଗଲରୁ ଜନବସତିକୁ ଚାଲି ଆସୁଛନ୍ତି। ତେଣୁ ଜଙ୍ଗଲ ତଳି ଅଞ୍ଚଳବାସୀ ଏଥିପ୍ରତି ସତର୍କ ରହିବାକୁ ବନ୍ୟକ୍ ଗ୍ରୁପ୍ ପକ୍ଷରୁ ପରାମର୍ଶ ଦିଆଯାଇଛି।

## 'ସତର୍କ ନ ହେଲେ ଧ୍ୱଂସ ପାଇଯିବ ଜୀବଜଗତ'

**ସାତମାଇଲ, ୧୧।୩(ଡି.ଏନ୍.ଏ.)**

ଧୀରେ ଧୀରେ ପୃଥିବୀକୁ ବିପଦ ମାଡ଼ି ଆସୁଛି। ତାପମାତ୍ରା ବୃଦ୍ଧିରୁ ହିମବାହ ତରଳି ସମୁଦ୍ର ଜଳପତ୍ତନ ବୃଦ୍ଧିର କାରଣ ପାଲଟିଥିବାବେଳେ ସୌରଝଡ଼ ପ୍ରଭାବରେ ପରିବେଶ ପ୍ରଭାବିତ ହେବାରେ ଲାଗିଛି। ପ୍ରକୃତି ଉପରେ ମନୁଷ୍ୟର ଅଯଥା ହସ୍ତକ୍ଷେପ କାରଣରୁ ଜୀବନସତ୍ତା ବିପଦରେ ପଡ୍ଡୁଛି। ଏଥିଲାଗି ଆଗୁଆ ସତର୍କ ନ ହେଲେ ଜୀବଜଗତ ଧ୍ୱଂସ ପାଇଯିବ ବୋଲି ଗୁରୁବାର ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ମହାବିଦ୍ୟାଳୟରେ ଆୟୋଜିତ 'ମହାକାଶ ବିଜ୍ଞାନ ଓ ଏରୋନମୀ' ଶୀର୍ଷକ ଅନ୍ତର୍ଜାତୀୟ ସେମିନାରରେ ମତ ପ୍ରକାଶ ପାଇଛି।

କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଅଶୋକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆମେରିକାର ନାସା ଅନୁଦାନପ୍ରାପ୍ତ କଲରାଡୋ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ପ୍ରଫେସର ଦୀପକ କୁମାର କରଣ ଯୋଗଦେଇ ପ୍ରୋଜେକ୍ଟର ମାଧ୍ୟମରେ ସୌରଝଡ଼ର କାରଣ, ପୃଥିବୀ ଉପରେ ଏହାର ପ୍ରଭାବ ଏବଂ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଯୁକ୍ତ୩ ପଦାର୍ଥ ବିଜ୍ଞାନ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପିକା ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛେଣ୍ଡିପଦା କଲେଜ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ବସନ୍ତ ପାଣିଗ୍ରାହୀ, ଜନତା କଲେଜର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅରବିନ୍ଦ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ ପତି, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଜୟନ୍ତ ନାରାୟଣ ପତି, ଅଧ୍ୟାପକ ମନୋରଞ୍ଜନ ବେହେରା, ଅଧ୍ୟାପକ ଦିଲୀପ ଗଡ଼ନାୟକ, ବିମଳ ପ୍ରଧାନ, କୃପାସିନ୍ଧୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥିମାନେ।

## 'ମୁଖ୍ୟସ୍ରୋତରେ ସାମିଲ ହୁଅ'

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବୈଷୟିକ ବିଭାଗ ପକ୍ଷରୁ ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମହିଳା ଦିବସ ପାଳିତ ହୋଇଯାଇଛି। ନାରୀ ହେଉଛି ସମାଜର ମେରୁଦଣ୍ଡ। ପୁରୁଷ ପ୍ରାଧାନ୍ୟ ସମାଜରେ ମହିଳାମାନେ ମୁଖ୍ୟସ୍ରୋତରେ ସାମିଲ ହେଲେ ସବୁକ୍ଷେତ୍ରରେ ଅଗ୍ରଗତି ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଯୋଜକ ଡ. ଅନିରୁଦ୍ଧ ଖିଲାର, ସିନର୍ଜି ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷା ଇତିଶ୍ରୀ ମହାନ୍ତି, ବିଭାଗୀୟ ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ସ୍ମିତପଦ୍ମା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ମାନସୀ ରଥ, ଗାୟତ୍ରୀ ମିଶ୍ର, ଅଧ୍ୟାପକ ସୁଶାନ୍ତ ପାଲ, ମୃତ୍ୟୁଞ୍ଜୟ ପଣ୍ଡା, ସନ୍ତୋଷ ନନ୍ଦ, ପ୍ରଶାସନିକ ମୁଖ୍ୟ ଡ. ଦେବାଶିଷ ମହାନ୍ତି, ଡ. ଦେବରାଜ ପରିଡ଼ା, ଡ. ସଞ୍ଜିତ ମିଶ୍ର, ଡ. ପ୍ରଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ଅତିଥି ପରିଚୟ ଓ ଶୁଭଲକ୍ଷ୍ମୀ ସାମଲ ଧନ୍ୟବାଦ ଦେଇଥିଲେ। ସେହିପରି କାଠଗଡ଼ାସ୍ଥିତ ଉତ୍କଳା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ବବିତା ଦେହୁରୀ ଯୋଗଦେଇ ମହିଳାଙ୍କୁ ପୁରୁଷଙ୍କ ସମକକ୍ଷ ହେବାକୁ ଆହ୍ୱାନ ଦେଇଥିଲେ। ତାରା ସ୍ୱାଇଁ, ଗୀତାଞ୍ଜଳି ପଣ୍ଡା, ତପସ୍ୱିନୀ ନାୟକ, ଭାଗ୍ୟଲକ୍ଷ୍ମୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଢେଙ୍କାନାଳ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

### ଲିଙ୍ଗଗତ ସମାନତା ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ ଜିଲା କପିଳାସ ଇନରହୁଇଲ୍ କ୍ଲବ ପକ୍ଷରୁ ସ୍ଥାନୀୟ ଲେଖକ ସଂସଦ ଗୃହରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଲିଙ୍ଗଗତ ସମାନତା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ କଲେଜର ମନସ୍ତତ୍ତ୍ୱ ବିଭାଗ ପ୍ରାଧ୍ୟାପିକା ଡ. ନମିତା ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଲିଙ୍ଗଗତ ଅସମାନତାର କାରଣ, ନିରାକରଣ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଭାନେତ୍ରୀ ପ୍ରିୟତମା ପାଢ଼ୀଙ୍କ ସଭାପତିତ୍ୱରେ ନୂତନ ସଦସ୍ୟା ଅଳକାବତୀ ସାମଲଙ୍କୁ ସ୍ୱାଗତ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀପ୍ତିବାଳା ମିଶ୍ର, ଏଲିନା ସାମନ୍ତରାୟ, ସମ୍ପାଦିକା ମନୋଜ ମଞ୍ଜରୀ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ ଏବଂ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନ୍ୟୁ ଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ ଏହା ଆୟୋଜିତ ହୋଇଥିଲା। ଏହି ଅବସରରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ସମ୍ପର୍କରେ ତାଲିମ ନେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଗୁଲଜାର ସିକ୍ ଡ୍ରେସ୍ କିଟ୍ ପ୍ରଦାନ କରିଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଦେବାଶିଷ ମାନସିଂ, ନ୍ୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଜଣେ ଶିବିରାର୍ଥୀଙ୍କୁ ସ୍ୱଚ୍ଛଭାରତ କିଟ୍ ପ୍ରଦାନ କରାଯାଉଛି।

## ଆଖୁଚାଷ ଉଜାଡ଼ିଲେ

**ପରଜଙ୍ଗ, ୧୧।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅଞ୍ଚଳରେ ହାତୀପଲ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛନ୍ତି। ଜଙ୍ଗଲରେ ଖାଦ୍ୟାଭାବ ହାତୀଙ୍କୁ ଜନବସତି ମୁହାଁ କରାଇଥିବାବେଳେ ସେମାନେ ଦଳବଦ୍ଧ ହୋଇ ଚାଷ ଜମିରେ ପଶି ବ୍ୟାପକ କ୍ଷୟକ୍ଷତି କରିବା ସହିତ ଘରଦ୍ୱାର, ଫାର୍ମ ଭାଙ୍ଗି ପକାଉଛନ୍ତି।

ବ୍ଲକର ବଡ଼ଝରା କପାସିରା ନିକଟ ଆଖୁ ବଗିଚାରେ ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ବ୍ୟାପକ ଚାଷ ନଷ୍ଟ କରିଛନ୍ତି। ଏଥିରେ ବ୍ରହ୍ମାନନ୍ଦ ସାହୁଙ୍କ ଆଖୁ କିଆରି ଉଜୁଡ଼ିଯାଇଛି। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବଡ଼ଝରା ଗ୍ରାମର ବ୍ରହ୍ମାନନ୍ଦ କପାସିରାଠାରେ ୧ ଏକରରୁ ଉର୍ଦ୍ଧ୍ୱ ଜମିରେ ଆଖୁ ଚାଷ କରିଥିଲେ। କ୍ଷେତ ଜଗିବା ଲାଗି ବଗିଚାରେ ଦୁଇ ବଖରା ଆଜବେଷ୍ଟସ୍ ଘର କରିଥିଲେ। ବିଳମ୍ବିତ ରାତିରେ ୧୮ରୁ ଉର୍ଦ୍ଧ୍ୱ ହାତୀ ଜମିରେ ପଶି ଫସଲ ଖାଇଯିବା ସହିତ ଦଳିଚକିଟି ନଷ୍ଟ କରିଦେଇଛନ୍ତି। ଏଥିସହ ଘର ଭାଙ୍ଗି ଦେଇଛନ୍ତି। ସେହିପରି କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ରେଞ୍ଜ ଝିଲି ଗ୍ରାମ ନିକଟରେ ଥିବା ବ୍ରହ୍ମାନନ୍ଦଙ୍କ କଦଳୀ ବଗିଚା ଏବଂ କୁକୁଡ଼ା ଫାର୍ମରେ ହାତୀପଲ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ କଦଳୀ ଗଛ ନଷ୍ଟ ହୋଇଛି। ଫାର୍ମ ଭାଙ୍ଗି କୁକୁଡ଼ା ଦାନା ଖାଇଦେଇଛନ୍ତି। କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ଦେବାକୁ କ୍ଷତିଗ୍ରସ୍ତ ଚାଷୀ ଦାବି କରିଛନ୍ତି।

**ପରଜଙ୍ଗ ବ୍ଲକରେ ହାତୀ ଆତଙ୍କ**



ହାତୀ ନଷ୍ଟ କରିଦେଇଥିବା ଆଜବେଷ୍ଟସ ଘର।

## ସଂକ୍ଷେପରେ

### ବନ୍ଧୁକ ଜବତ, ଶିକାରୀ ଗିରଫ



ବଇଣ୍ଡା, ୧୧।୩(ଡି.ଏନ.ଏ.)-ଠାକୁରଗଡ଼ ଥାନା ଧଣ୍ଡାତୋପା ସଂରକ୍ଷିତ ଜଙ୍ଗଲରେ ଶିକାର ପାଇଁ ଯୋଜନା କରୁଥିବାବେଳେ ବନ ବିଭାଗ ହାତରେ ଜଣେ ଶିକାରୀ ଧରାପଡ଼ିଛନ୍ତି। ସେ ହେଲେ ରଇଡ଼ା ଗ୍ରାମର ବିଷ୍ଣୁ ଭୋଇ (୫୫)। ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି। ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ଲାଗି ଯୋଜନା କରାଯାଉଥିବା ସୂଚନା ପାଇ ଫରେଷ୍ଟର ସୁବ୍ରତ ଶତପଥୀ, ରାଜେଶ ମହାକୁଡ, ଅରୁଣ ଦୀପ ପ୍ରମୁଖ ଚଢ଼ାଉ କରିଥିଲେ।

### ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା, ୧୧।୩(ଡି.ଏନ.ଏ.)
ଆଠମଲ୍ଲିକ ଏବଂ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୨ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ଗଗନ ସେଠୀ, ପାପସରା ଗ୍ରାମର ବାବୁନ ବେହେରା, ଠାକୁରଗଡ଼ ଥାନା ପାଇକସାହି ଗ୍ରାମର କୈଳାସ ମାଝିଙ୍କୁ ଗିରଫ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ଘରେ ମଦ ବ୍ୟବସାୟ କରୁଥିବା ସୂଚନା ପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡନାୟକ ସଦଳବଳ ଚଢ଼ାଉ କରିଥିଲେ।

### ଦାୟିତ୍ୱ ନେଲେ କୁଲାଡ଼ ସରପଞ୍ଚ



ବଅଁରପାଳ, ୧୧।୩(ଡି.ଏନ.ଏ.)- ବଅଁରପାଳ ବ୍ଲକ କୁଲାଡ଼ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଉଷାରାଣୀ ସ୍ୱାଇଁ, ନାଏବ ସରପଞ୍ଚ ଅଶୋକ ଜେନା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଗିରାଙ୍ଗ ସରପଞ୍ଚ ଭାବେ ଛବିରାଣୀ ଦେହୁରୀ, ନାଏବ ସରପଞ୍ଚ ଭାବେ ଜିତେନ୍ଦ୍ର ସାହୁ ଶପଥ ନେଇଛନ୍ତି। ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଉପସ୍ଥିତ ରହି ନବନିର୍ବାଚିତ ଜନପ୍ରତିନିଧିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ।

### ମେଧାବୃତ୍ତି ପରୀକ୍ଷା ଦେଲେ ୩୪୮ ପିଲା

ବଇଣ୍ଡା, ୧୧।୩(ଡି.ଏନ.ଏ.)- କିଶୋରନଗର ବ୍ଲକ ଅନ୍ତର୍ଗତ ବଇଣ୍ଡା ଓ କିଶୋରନଗର ହାଇସ୍କୁଲରେ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କିଶୋରନଗର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୦୯ ଜଣଙ୍କ ମଧ୍ୟରୁ ୨୦୨ ଏବଂ ବଇଣ୍ଡା ହାଇସ୍କୁଲ କେନ୍ଦ୍ରରେ ୧୫୬ ଜଣଙ୍କ ମଧ୍ୟରୁ ୧୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ସତ୍ୟନାରାୟଣ ମିଶ୍ର, ସୁକାନ୍ତି ମଞ୍ଜରୀ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ଯାଞ୍ଚ କରିଥିଲେ। ସୁରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ।

# ରାସ୍ତାରେ ବୁଲୁଛି କ୍ଷତାକ୍ତ ଦନ୍ତା

ଢେଙ୍କାନାଳ ଅଫିସ, ୧୧।୩

ଢେଙ୍କାନାଳ ସଦର ରେଞ୍ଜ୍ ଗହମଖୁଣ୍ଟି ରାସ୍ତାରେ କ୍ଷତାକ୍ତ ଅବସ୍ଥାରେ ବୁଲୁଥିବା ଏକ ଦନ୍ତାହାତୀ ଆତଙ୍କ ସୃଷ୍ଟି କରିଛି। ହାତୀର ପଛ ଡାହାଣ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଦନ୍ତା ଗର୍ଜନରେ ଅଞ୍ଚଳର ଥରହର ହେଉଥିବା ସୂଚନା ପାଇ ବନ ବିଭାଗ ପକ୍ଷରୁ ଏହାର ଚିକିତ୍ସା ଆରମ୍ଭ ହୋଇଛି।

ଦୀର୍ଘ ୩ଦିନ ହେଲା ଉକ୍ତ ହାତୀ ଯନ୍ତ୍ରଣାରେ ଛଟପଟ ହୋଇ ଇତସ୍ତତଃ ହୋଇ ଘୂରିବୁଲୁଛି। ଅତ୍ୟଧିକ କଷ୍ଟ ସହି ନ ପାରି ଦନ୍ତା ବାରମ୍ବାର ପୋଖରୀରେ ପଶିଯାଉଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ବାରମ୍ବାର ସୂଚନା ଦେବା ସତ୍ତ୍ୱେ ବନ ବିଭାଗ ଏହାକୁ ଗୁରୁତ୍ୱ ଦେଇ ନ ଥିଲା। ଶୁକ୍ରବାର ବନ କର୍ମଚାରୀ, ପ୍ରାଣୀ ଚିକିତ୍ସକ ଏବଂ ମାହୁନ୍ତଙ୍କ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଟ୍ରାଙ୍କୁଲାଇଜ୍ କରିଥିଲେ। ଏହାପରେ ଆଣ୍ଟିଓବାୟୋଟିକ୍ ଇଞ୍ଜେକ୍ସନ ଦିଆଯାଇଥିଲା। ତେବେ ଇଞ୍ଜେକ୍ସନ ଦେବା ପରେ ଦନ୍ତା ହଠାତ୍ ହିଂସ୍ର ରୂପ ଧାରଣ କରି ଆକ୍ରମଣ କରିଥିଲା। ଏଥିରେ ହାତୀ ସ୍କ୍ୱାଡ୍ କର୍ମଚାରୀ ବିଶ୍ୱରଞ୍ଜନ ପାଣିଗ୍ରାହୀ ଗୁରୁତର ହୋଇଛନ୍ତି। ତାଙ୍କ ଛାତିରେ ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଅଞ୍ଚଳବାସୀଙ୍କ କହିବା କଥା, ଗୋବିନ୍ଦପୁର, ଗହମଖୁଣ୍ଟି, ବୋରାପଦା, ମେଘା ଅଞ୍ଚଳରେ କିଛି ମାସ ହେଲା ଏହି ହାତୀ ଘୂରିବୁଲୁଛି। ଦିନକୁ ଦିନ ଅଧିକ ହିଂସ୍ର ହେବାରେ ଲାଗିଛି। କିଛି ମାସ ମଧ୍ୟରେ ୩ ଜଣଙ୍କ ଜୀବନ ନେଲାଣି। ଗୁଳିମାଡ଼ କିମ୍ବା ବିସ୍ଫୋରକ ସାମଗ୍ରୀ ଉପରେ ପାଦ ପକାଇ ଦେଇଥିବାରୁ ଏହାର ଗୋଡ଼ରେ କ୍ଷତ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶ ଚାନ୍ଦ ଗୋଗିନେନି କୁହନ୍ତି, ଗୁଳିମାଡ଼ ହେଲେ ଗୋଡ ଉପରେ ଆଘାତ ଲାଗିଥାଆନ୍ତା। ହେଲେ ପାଦ ତଳ ଅଂଶରେ କ୍ଷତ ସୃଷ୍ଟି ହୋଇଥିବାରୁ ଏହା ଗୁଳିମାଡ଼ ନୁହେଁ ବୋଲି ଜଣାପଡୁଛି। ହାତୀକୁ ଆଣ୍ଟିଓବାୟୋଟିକ୍ ଇଞ୍ଜେକ୍ସନ ଦିଆଯାଇଛି। ହାତୀ ଆକ୍ରମଣରେ ଗୁରୁତର ସ୍କ୍ୱାଡ୍ କର୍ମଚାରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହାର ଗତିବିଧି ଉପରେ ବନ ବିଭାଗ ନଜର ରଖିଛି।



ଆଘାତପ୍ରାପ୍ତ ଦନ୍ତାହାତୀ।

■ପଛ ଡାହାଣ ଗୋଡ଼ରେ ଲାଗିଛି ଆଘାତ
■ଆକ୍ରମଣରେ ସ୍କ୍ୱାଡ୍ କର୍ମଚାରୀ ଗୁରୁତର

# ପୃଥକ୍ ଦୁର୍ଘଟଣା: ଜଣେ ମୃତ, ୪ ଗୁରୁତର

ଛେଣ୍ଡିପଦା, ୧୧।୩(ନି.ପ୍ର)



ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଶୁକ୍ରବାର ପୃଥକ୍ ସ୍ଥାନରେ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। ଛେଣ୍ଡିପଦା ଥାନା ବସନ୍ତପୁର ଗ୍ରାମର ଶରତ ବେହେରାଙ୍କ ପୁଅ ଲିକୁନ ବାଲିପଟା ପଞ୍ଚାୟତ ହଟିଆନାଳି ଗ୍ରାମସ୍ଥିତ ମାମୁଘରକୁ ଏକ ବିବାହ ଭୋଜିରେ ଯୋଗଦେବାକୁ ଆସିଥିଲେ। କୌଣସି କାମରେ ବାଲିପଟା ବଜାରକୁ ଆସି ଫେରୁଥିବାବେଳେ ଭାରସାମ୍ୟ ହରାଇ ସ୍କୁଟି ଗଛରେ ପିଟି ହୋଇଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

ସେହିପରି ବାଗଡିଆ–ଟାଙ୍ଗିରି ଯାଇଥିବା ରାସ୍ତାର ଓଡ଼ିଆବର ନିକଟରେ ଏକ ବରଯାତ୍ରୀ କାର ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଛି। ଏଥିରେ କାର୍ ମାଲିକ କଦଳୀମୁଣ୍ଡା ଗ୍ରାମର ଈଶ୍ୱର ଚନ୍ଦ୍ର ସାହୁଙ୍କ ପୁଅ ଅନିଲ ଗୁରୁତର ହୋଇଛନ୍ତି। ଅନ୍ୟ ୩ ବରଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ଅନୁରୂପ ଭାବେ କୋଶଳା–ଛେଣ୍ଡିପଦା ସିଆରିଆନାଳ ନିକଟରେ ଏକ ପିକ୍ଅପ୍ ଭ୍ୟାନ ଏବଂ ଅଟୋରିକ୍ସା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ପିକ୍ଅପ୍ ଚାଳକ ଅନୁଗୋଳ ଜିଲା କିଶୋରନଗର ଥାନା ଜଏରାଟ ଗ୍ରାମର ଟିକୁନୁ ରଣା, ଅଟୋରିକ୍ସାରେ ଥିବା ଯାତ୍ରୀ କୁଣ୍ଡେଇଗୋଳା ଥାନା ଅଞ୍ଚଳର ଚାଳକ ସଞ୍ଜୟ ଲୁହୁରା, ଘୁଣ୍ଟୁଲିପଶି ଗ୍ରାମର ଡିଲେଶ୍ୱର ବେହେରା ଏବଂ ତାଙ୍କ ଭାଇ ଚତୁରା ବେହେରା ଗୁରୁତର ହୋଇଛନ୍ତି। ଛେଣ୍ଡିପଦା ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଶ୍ରେଷ୍ଠ ପଞ୍ଚାୟତ ଗଢ଼ିବାକୁ ସଂକଳ୍ପ



ଦାୟିତ୍ୱ ଗ୍ରହଣ କରିବା ଅବସରରେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁଙ୍କ ସମେତ ଅନ୍ୟ ସମର୍ଥକମାନେ।

ବଇଣ୍ଡା, ୧୧।୩(ଡି.ଏନ.ଏ.)

କିଶୋରନଗର ବ୍ଲକର ୨୩ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଏବଂ ୱାର୍ଡମେମ୍ବରମାନେ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ଏଥିଲାଗି ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥିଲା। ନବ ନିର୍ବାଚିତ ଜନପ୍ରତିନିଧିମାନେ ନିଜ ପଞ୍ଚାୟତକୁ ଶ୍ରେଷ୍ଠ କରି ଗଢ଼ି ତୋଳିବାକୁ ସଂକଳ୍ପ ନେଇଥିଲେ।

ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ପୂର୍ବତନ ସରପଞ୍ଚ ଜଳଧର ସାହୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପଞ୍ଚାୟତର ସମସ୍ୟାର ତ୍ୱରିତ ସମାଧାନ କରିବା ଲାଗି ପଦକ୍ଷେପ ନେବାକୁ ଦୀପ୍ତିମୟୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ହଣ୍ଡପା ସରପଞ୍ଚ ରଶ୍ମିତା ପ୍ରଧାନ, ବିଲେଇନାଳି ପରସଞ୍ଚ ବବିତା ପ୍ରଧାନ, ଲୁହାମୁଣ୍ଡା ସରପଞ୍ଚ କୁମୁଦ ସାହୁ, ଗାଁବଇଣ୍ଡା ସରପଞ୍ଚ ସସ୍ମିତା ସାହୁ, ଜାମୁନାଳୀ ସରପଞ୍ଚ ରୀତା ବେହେରା, କଣ୍ଟେଇକୋଳିଆ ସରପଞ୍ଚ ନୟନୀ ବେହେରା, ଅଙ୍ଗପଡ଼ା ସରପଞ୍ଚ ଜିତେନ୍ଦ୍ର ସାହୁ, ନାକିଚି ସରପଞ୍ଚ ମନୋଜ ବାଘ, ଧଡରପାଳ ସରପଞ୍ଚ କ୍ଷମାନିଧି ପ୍ରଧାନ, ଆମ୍ବପାଳ ସରପଞ୍ଚ ସୁଲୋଚନା ବୀର, ଠେଲକନାଳି ସରପଞ୍ଚ ଅମିତ ସାହୁ, ବାମୁର ସରପଞ୍ଚ ସଞ୍ଜୀବ ପ୍ରଧାନ, ଜଏରାଟ ସରପଞ୍ଚ ବିଜୟ ରଥ, ରଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ, ଧଉରାପାଲି ସରପଞ୍ଚ ସଞ୍ଜିତ ସାହୁ, କଦଳୀମୁଣ୍ଡା ସରପଞ୍ଚ ପ୍ରଶାନ୍ତ ସେଠୀ ଶପଥ ଗ୍ରହଣ କରିଛନ୍ତି। ଏଥିସହ ୨୩ ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନାଏବ ସରପଞ୍ଚ ନିର୍ବାଚନ ବେଳେ ବିଲେଇନାଳି ଏବଂ ଅଙ୍ଗପଡା ପଞ୍ଚାୟତରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି।

# ପୌର ନିର୍ବାଚନ ପାଇଁ ଭାଜପାର ରଣନୀତି

ଅନୁଗୋଳ ଅଫିସ, ୧୧।୩

ଅନୁଗୋଳ ଜିଲାରେ ହେବାକୁ ଥିବା ପୌର ନିର୍ବାଚନ ଲାଗି ଭାଜପା ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ଏ ନେଇ ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଶୁକ୍ରବାର ଏକ ବୈଠକ ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାଚନର ବିଫଳତାକୁ ଭୁଲି ପୌର ନିର୍ବାଚନ ପାଇଁ ଏକାଠି ହୋଇ ଲଢ଼ିବାକୁ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ଆହ୍ୱାନ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ନଗରପାଳ ପ୍ରାର୍ଥୀ ଦିଲୀପ ପ୍ରଧାନ, ଜିଲା ସମ୍ପାଦକ ସୋମନାଥ ରାଉତ, ନମିତା ଦଳବେହେରା ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେଇଥିବା ସୁନୀଲ ସାହୁ, ଦିଲୀପ ଦାସ, ଶରତ ମୁଖୀ, ସଞ୍ଜୟ ସାହୁ, କୈଳାସ ଚନ୍ଦ୍ର ପ୍ରଧାନ, ଭୀମସେନ ମଣ୍ଡୋଠିଆ, ନିରଞ୍ଜନ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ।

# ଜୈବ ବିବିଧତା ସଂରକ୍ଷଣ ଏକ ଆହ୍ୱାନ

ଅନୁଗୋଳ ଅଫିସ, ୧୧।୩

ଜୈବ ବିବିଧତାର ସୁରକ୍ଷା ନେଇ ଅନୁଗୋଳ ଜିଲାରେ ଗଠିତ ହୋଇଥିବା ଜୈବ ବିବିଧତା ପରିଚାଳନା ସମିତି (ବିଏମ୍ସି) କର୍ମକର୍ତ୍ତାଙ୍କ ସାଂଗଠନିକ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ୨ ଦିନିଆ ପ୍ରଶିକ୍ଷଣ ଶିବିର ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ପ୍ରଥମ ଦିବସରେ ଯୋଗଦେଇଥିବା ଅନୁଗୋଳ, ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ୩୭ ବିଏମ୍ସିର ପ୍ରତିନିଧିଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଦେବାଶିଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରାଇଥିଲେ। ଦ୍ୱିତୀୟ ଦିନରେ ଛେଣ୍ଡିପଦା, ବଅଁରପାଳ ବ୍ଲକର ୩୩ ବିଏମ୍ସିର ପ୍ରତିନିଧି ଶିବିରରେ ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୈବ ବିବିଧତାର ସଂଜ୍ଞା, ସଂରକ୍ଷଣ ଏବଂ ଧାରାବାହିକ ବ୍ୟବହାର ସମସ୍ତଙ୍କ ପାଇଁ ଆହ୍ୱାନ ବୋଲି କହିଥିଲେ। ଅଣୁଜୀବ ବିଜ୍ଞାନୀ ଡା. ଶୁଭ୍ରାଂଶୁ ନାୟକ ଜୈବ ବିବିଧତା ସମ୍ପର୍କିତ ଆଇନର ଉଚିତ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ବରିଷ୍ଠ କବିରାଜ ପ୍ରଭାକର ସାହୁ, ବରିଷ୍ଠ ଆଇନଜୀବୀ ପ୍ରସନ୍ନ ବେହେରା, ଜୈବ ବିବିଧତା ସମିତିର ସୁଶୀଲ ପ୍ରଧାନ, ମୁରଲୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ସୁବ୍ରତ ପ୍ରଧାନ, ରବୀନ୍ଦ୍ର ସାହୁ, ପ୍ରିୟବ୍ରତ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସୁସ୍ଥ ହେଲେ ୮ ଆକ୍ରାନ୍ତ

ଅନୁଗୋଳ ଅଫିସ,୧୧।୩: ଅନୁଗୋଳ ଜିଲା ଶୁକ୍ରବାର କରୋନା ସଂକ୍ରମଣ ଶୂନ୍ୟ ରହିଛି। ସେହିପରି ଆଇସୋଲେଶନରେ ରହି ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୮ଜଣ ଆରୋଗ୍ୟ ଲାଭ କରିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୮,୫୪୧ରେ ସୀମିତ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲାସ୍ତରୀୟ ବ୍ୟକ୍ତିତ୍ୱ ବିକାଶ ଶିବିର



ଅନୁଗୋଳ ଅଫିସ, ୧୧।୩

ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ନିବେଶୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ୫ଦିନିଆ ଜିଲାସ୍ତରୀୟ ବ୍ୟକ୍ତିତ୍ୱ ବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ୮ ବ୍ଲକର ବହୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେମାନଙ୍କୁ ଯୋଗ, ପ୍ରାଣାୟାମ, ଚିତ୍ରାଙ୍କନ, ହସ୍ତକର୍ମ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରତିଭା ବାରିକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ। ରଘୁନାଥ ବାରିକ, କଳ୍ପତରୁ ପ୍ରଧାନ, ଶ୍ରୀକାନ୍ତ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଲେ ହେଭିୱେଟ୍

ଢେଙ୍କାନାଳ ଅଫିସ,୧୧।୩

ପଞ୍ଚାୟତ ପରେ ପୌର ନିର୍ବାଚନରେ ଭଲ ପ୍ରଦର୍ଶନ କରିବାକୁ ଢେଙ୍କାନାଳ ବିଜେଡି ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଶୁକ୍ରବାର ସ୍ଥାନୀୟ ବାଜିଚୌକସ୍ଥିତ ମା' ବ୍ରହ୍ମାୟଣୀ ଦେବୀଙ୍କ ପୀଠରୁ ପୂଜାର୍ଚ୍ଚନା କରି ଦଳ ପକ୍ଷରୁ ବିଧିବଦ୍ଧ ଭାବେ ପ୍ରଚାର ଆରମ୍ଭ ହୋଇଛି। ଜିଲା ବିଜେଡି ସଭାପତି ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକଙ୍କ ଭଳି ବହୁ ହେଭିୱେଟ୍ ଏଥିରେ ସାମିଲ ହୋଇଥିଲେ। ପ୍ରଚାର ଶୁଭାରମ୍ଭ ବେଳେ ମ୍ୟୁନିସିପାଲିଟିର ୨୩ ୱାର୍ଡର ଦଳୀୟ କାଉନ୍‌ସିଲର, ନଗରପାଳ ପ୍ରାର୍ଥୀ ଅନିମା ନାୟକ ଉପସ୍ଥିତ ଥିଲେ। ୧୪ନଂ. ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ରୁଦ୍ରାନ୍ତ ଦଳେଇ, ୧୭ନଂ. ୱାର୍ଡ କାଉନସିଲର ପ୍ରାର୍ଥୀ ମଧୁସ୍ମିତା ସ୍ୱାଇଁ ଦଳୀୟ ନେତା, କର୍ମୀଙ୍କ ସହ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ବିଜେଡିର ଢେଙ୍କାନାଳ ପୌରାଂଚଳରେ ପ୍ରଚାର ଆରମ୍ଭ।

# ସ୍ୱାବଲମ୍ବୀ ହେବାକୁ ପରାମର୍ଶ

ଅନୁଗୋଳ ଅଫିସ, ୧୧।୩

ଭାରତ ସରକାରଙ୍କ ଯୁବ ବ୍ୟାପାର ବିଭାଗ ଏବଂ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଜିଲାସ୍ତରୀୟ ପଡ଼ୋଶୀ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶାନ୍ତନୁ ସର ଯୋଗଦେଇ ସ୍ୱାବଲମ୍ବୀ ହେବାକୁ ଉପସ୍ଥିତ ଯୁବତୀଯୁବକଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜନକଲ୍ୟାଣ ସଂସ୍ଥାନ ନିର୍ଦ୍ଦେଶକ ଡ. ପ୍ରଜ୍ଞା ମିଶ୍ର, ସମ୍ମାନିତ ଅତିଥି ସୌରୀରଞ୍ଜନ ପଣ୍ଡା ପ୍ରମୁଖ ଯୁବତୀଯୁବକଙ୍କ ମାର୍ଗଦର୍ଶନ କରାଇଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାର ୪୬ଟି କ୍ଲବ ଅଂଶଗ୍ରହଣ କରିଥିଲେ। ହାପି କ୍ଲବକୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ୨୧ କ୍ଲବକୁ କ୍ରୀଡ଼ା କିଟ୍ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଯୁବ ସଂଯୋଜକ ପ୍ରଦୀପ ସ୍ୱାଗତ ଭାଷଣ ଦେଇଥିଲେ। ବିଭୁପ୍ରସାଦ ଶତପଥୀ, ସୁଶାନ୍ତ ତ୍ରିପାଠୀ, ପ୍ରୀତି ସାଗର ସାହୁ, ବର୍ଷା ପ୍ରଧାନ, ସୋନାଲି ଶବର, ଆଶିଷ ବେହେରା ପ୍ରମୁଖ ସହଯୋଗ କରିଥିଲେ। ତପନ ସାମଲ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ହାପି କ୍ଲବକୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ପ୍ରଥମ ଥର ବାୟାଣୀ ପୀଠରୁ ବାହାରିବ ମଶାଲଯାତ୍ରା

ଅନୁଗୋଳ ଅଫିସ, ୧୧।୩

କଳା, ସଂସ୍କୃତି, ଐତିହ୍ୟ ଏବଂ ଲୋକକଳାର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ଅନୁଗୋଳ ଜିଲାରେ ଆୟୋଜିତ ହେବାକୁ ଯାଉଛି ୯ମ ଜିଲା ମହୋତ୍ସବ। ୫ଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଲାଗି ବିଧିବଦ୍ଧ ଭାବେ ଦିନ ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବବର୍ଷ ଭଳି ପାଲଲହଡାର ଖୁଲୁଡି, ଆଠମଲ୍ଲିକର ଦେଉଳଝରି, ଟିକରପଡା ଶିବ ମନ୍ଦିର ସହ ଛେଣ୍ଡିପଦାର ଅଧିଷ୍ଠାତ୍ରୀ ଦେବୀ ମା' ବାୟାଣୀଙ୍କ ପୀଠରୁ ପ୍ରଥମଥର ମଶାଲ ଶୋଭାଯାତ୍ରା ବାହାରିବ। ମଶାଲ ଶୋଭାଯାତ୍ରାରେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ସଚେତନତା ସୃଷ୍ଟି ଲାଗି ପ୍ରଜ୍ଞାପନ ରଥ ପରିକ୍ରମା କରିବ। ଚଳିତ ବର୍ଷ ମଧ୍ୟ ବ୍ଲକସ୍ତରୀୟ, ଏନ୍ଏସିସ୍ତରୀୟ ମହୋତ୍ସବ କରାଯାଇ ଶ୍ରେଷ୍ଠ ଦଳକୁ ଜିଲା ମହୋତ୍ସବରେ ଅଂଶଗ୍ରହଣ ନିମନ୍ତେ ଚୟନ କରାଯିବ। ଏହି ଅବସରରେ ୫ଦିନ ବ୍ୟାପୀ ପଲ୍ଲିଶ୍ରୀ ମେଳା, ଜିଲା ଉନ୍ନୟନ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ। ମହୋତ୍ସବର ପ୍ରଥମ ୩ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବାଲୁକା କଳା, ଯୋଗ, ପ୍ରାଣାୟମ, ସାହିତ୍ୟ ମହୋତ୍ସବ, ଚିତ୍ରକଳା ଏବଂ ଅନୁଗୋଳ ଗୌରବ ସମ୍ମାନ ପାଇଁ ବିଭିନ୍ନ କମିଟି ଗଠନ ହେବ।

ମହୋତ୍ସବ ସୁପରିଚାଳନା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ସେବା ଦଳ, ପୋଲିସ ମୁତୟନ ହେବେ। ପାନୀୟ ଜଳ, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରାଯିବ। ପରିଚାଳନା କମିଟି, କଳାକାରଙ୍କ ଖାଦ୍ୟପେୟ, ରହଣି, ଯାତାୟାତ ସୁବିଧା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପରବର୍ତ୍ତୀ ବୈଠକରେ ସମସ୍ତଙ୍କ ମତାମତକୁ ନେଇ ଜିଲା ମହୋତ୍ସବ ଏବଂ ମଶାଲ ଶୋଭାଯାତ୍ରା ଲାଗି ଦିନ ଧାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାୟକଙ୍କ ସମେତ ଜିଲା ସଂସ୍କୃତି ପରିଷଦର ସଦସ୍ୟମାନେ ଯୋଗ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ ସାହୁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

**ଜିଲା ମହୋତ୍ସବ ପାଇଁ ପ୍ରସ୍ତୁତି**

ମନେ ପଡ଼ନ୍ତି
ସପ୍ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ମନୋରମା ନାୟକ
(ଶିକ୍ଷୟିତ୍ରୀ)
ରେଙ୍ଗୁଆଁ, ତାଳଚେର
ଆବିର୍ଭାବ: ୧୧।୧୧।୧୯୬୬
ତିରୋଧାନ: ୨୭।୦୨।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ଶୋକସନ୍ତପ୍ତ ପରିବାରବର୍ଗ।
ଧ–୨୩୩୭୬

